# NATIONAL NEWS BULLETIN (ODIA)
## 24th March - 2024
## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୋଲିର ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।
- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଲେହ'ଠାରେ ଯବାନମାନଙ୍କ ସହ ରଙ୍ଗର ପର୍ବ ହୋଲି ପାଳନ କରିଛନ୍ତି ।
- ବିହାରରେ ଏନ୍.ଡି.ଏ.ର ଅଂଶୀଦାର ଜେ.ଡି.(ୟୁ.) ପକ୍ଷରୁ ସମସ୍ତ ୧୬ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି ।
- ମସ୍କୋର ଏକ କନ୍‌ସର୍ଟ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ରୁଷ୍ ପକ୍ଷରୁ ଦିନିକିଆ ଶୋକଦିବସ ପାଳନ କରାଯାଉଛି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଗୁଜରାଟ୍ ଟାଇଟନ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍‌ସ ମଧ୍ୟରେ ମୁକାବିଲା ହେବ ।

## ପ୍ରେଜ୍-ପି.ଏମ୍. - ହୋଲି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୋଲିର ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି,  ହୋଲି ଏକ ଆନନ୍ଦ ଓ ଉତ୍ସାହର ପର୍ବ, ଯାହାକି ଲୋକମାନଙ୍କ ଜୀବନରେ ଆଶା ଏବଂ ଉତ୍ସାହ ଭରିଦେଇଥାଏ । ସେ କହିଛନ୍ତି, ହୋଲିର ବିଭିନ୍ନ ରଙ୍ଗ ଦେଶର ବିବିଧତାକୁ ସୂଚାଇଥାଏ ଏବଂ ଲୋକମାନଙ୍କ ମଧ୍ୟରେ ପ୍ରେମ, ଏକତା ଓ ଭାଇଚାରାର ଭାବନାକୁ ସମ୍ପ୍ରସାରିତ କରିଥାଏ । ରାଷ୍ଟ୍ରପତି ଆଶା କରିଛନ୍ତି, ପ୍ରତ୍ୟେକଙ୍କ ଜୀବନରେ ଏହି ରଙ୍ଗର ପର୍ବ ଖୁସି ଆଣିଦେଉ ଏବଂ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ନବୀନ ଉତ୍ସାହ ସହ ପ୍ରତ୍ୟେକଙ୍କପାଇଁ ପ୍ରେରଣାଦାୟୀ ହେଉ ।

ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ପ୍ରତ୍ୟେକଙ୍କ ଜୀବନରେ ରଙ୍ଗର ପର୍ବ ନୂତନ ଶକ୍ତି ଏବଂ ଉତ୍ସାହ ଭରିଦେଉ ବୋଲି କାମନା କରିଛନ୍ତି ।

# ଲଦାଖ୍ - ରାଜନାଥ ଭିଜିଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଲେହ'ଠାରେ ଯବାନମାନଙ୍କ ସହ ରଙ୍ଗର ପର୍ବ ହୋଲି ପାଳନ କରିଛନ୍ତି । ସିଆଚେନ୍‌ଠାରେ ଅବସ୍ଥାପିତ ଯବାନମାନଙ୍କ ସହ ମନ୍ତ୍ରୀ କଥାବାର୍ତ୍ତା କରିଥିଲେ ଏବଂ ସେମାନଙ୍କ ହୋଲିର ଶୁଭେଚ୍ଛା ଜଣାଇଥିଲେ ।  ସେ ଯବାନମାନଙ୍କୁ ଖୁବ୍ ଶୀଘ୍ର ପୁନର୍ବାର ଲଦାଖ୍ ପରିଦର୍ଶନର ପ୍ରତିଶ୍ରୁତି ଦେଇଥିଲେ । ତାଙ୍କର ସିଆଚେନ୍ ଗସ୍ତର କାର୍ଯ୍ୟସୂଚୀ ଥିଲେ ମଧ୍ୟ ପ୍ରତିକୂଳ ପାଗ ଯୋଗୁଁ ସମ୍ଭବ ହୋଇପାରି ନ ଥିଲା । ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଲେହ ସ୍ଥିତ ଯୁଦ୍ଧ ସ୍ମାରକୀ ପରିଦର୍ଶନ କରି ରାଷ୍ଟ୍ର ପାଇଁ ବଳିଦାନ ଦେଇଥିବା ସହିଦ୍ ବୀର ଯବାନମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରତିରକ୍ଷା ମନ୍ତ୍ରୀ ଲେହଠାରେ ଯବାନମାନଙ୍କୁ ଉଦ୍‌ବୋଧନ ଦେବା ସହ ପ୍ରତିକୂଳ ପରିସ୍ଥିତିରେ ଦେଶମାତୃକାରେ ରକ୍ଷା ପାଇଁ ସେମାନଙ୍କର ବଳିଦାନ, ସାହସ, ସଙ୍କଳ୍ପବଦ୍ଧତାର ପ୍ରଶଂସା କରିଥିଲେ । ପ୍ରତିରକ୍ଷା ମନ୍ତ୍ରୀ ଗୋଟିଏ ଦିନ ପୂର୍ବରୁ ଯବାନମାନଙ୍କ ସହ ହୋଲି ପର୍ବ ପାଳନ କରିବାର ନିଷ୍ପତ୍ତି ନେଇଥିଲେ । ସେ କହିଛନ୍ତି, ଦେଶର ରକ୍ଷକମାନଙ୍କ ସହ ଏହି ପର୍ବ ପ୍ରଥମେ ପାଳନ କରାଯିବା ଉଚିତ ବୋଲି ସେ ବିଶ୍ୱାସ କରନ୍ତି । ଏହି ଅବସରରେ ସେ ତିନିବାହିନୀର ମୁଖ୍ୟମାନଙ୍କୁ ହୋଲି ପର୍ବର ଗୋଟିଏ ଦିନ ପୂର୍ବରୁ ଯବାନମାନଙ୍କ ସହିତ ହୋଲି ଉତ୍ସବ ପାଳନ କରିବାର ନୂଆ ପରମ୍ପରା ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି । ଶ୍ରୀ ସିଂହ ଆହୁରି କହିଛନ୍ତି,

ଯବାନମାନଙ୍କ ସହିତ କାର୍ଗିଲ୍‌ର ବରଫ ପାହାଡ଼ର ଶୀର୍ଷ ଦେଶରେ, ରାଜସ୍ଥାନର ମରୁଅଞ୍ଚଳରେ ଏବଂ ଗଭୀର ସମୁଦ୍ରର ବୁଡ଼ାଜାହାଗୁଡ଼ିକରେ ଏହି ପର୍ବ ପାଳନ କରାଯିବା ଉଚିତ, ଯାହାକି ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବ ।

## ବିହାର - ଜେ.ଡି.(ୟୁ.) ଲିଷ୍ଟ

ବିହାରରେ ଏନ୍.ଡି.ଏ.ର ଅଂଶୀଦାର ଜେ.ଡି.(ୟୁ.) ପକ୍ଷରୁ ସମସ୍ତ ୧୬ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । ଅଧିକାଂଶ ପ୍ରାର୍ଥୀ ବର୍ତ୍ତମାନର କାର୍ଯ୍ୟକାରୀ ସାଂସଦ ହୋଇଥିବାବେଳେ ପୁଣି ଥରେ ସେମାନଙ୍କୁ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ମିଳିଛି । ସିବାନ୍ ଲୋକସଭା ଆସନର ବର୍ତ୍ତମାନର ସାଂସଦ କବିତା ସିଂହ ଏବଂ ସୀତାମାଢ଼ି ସଂସଦୀୟ ଆସନର ସୁନିଲ୍ କୁମାର ପିଣ୍ଟୁଙ୍କୁ ଦଳ ପକ୍ଷରୁ ଟିକେଟ୍ ଦିଆଯାଇ ନାହିଁ । ଜେ.ଡି.(ୟୁ.) ନେତୃବୃନ୍ଦ ନବାଗତ ବିଜୟଲକ୍ଷ୍ମୀ ଦେବୀଙ୍କୁ ସିବାନ୍‌ରୁ ଏବଂ ଦେବେଶ ଚନ୍ଦ୍ର ଠାକୁରଙ୍କୁ ସୀତାମାଢ଼ି ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଚୟନ କରିଛନ୍ତି । ଶ୍ରୀ ଠାକୁର ବର୍ତ୍ତମାନ ବିହାର ବିଧାନ ପରିଷଦର ଅଧ୍ୟକ୍ଷ ଅଛନ୍ତି । ପୂର୍ବତନ ସାଂସଦ ଲଭ୍‌ଲି ଆନନ୍ଦ ପ୍ରାର୍ଥୀ ତାଲିକାରେ ନବାଗତ ରହିଛନ୍ତି । ସେ ଶିଓହର ଲୋକସଭା ଆସନରୁ

ପ୍ରତିଦ୍ୱନ୍ଦ୍ୱିତା କରିବେ । ଜେ.ଡି.ୟୁ.କୁ ଏହି ଆସନଟି ବି.ଜେ.ପି. ପାଖରୁ ଆସନ ଭାଗବଣ୍ଟା ଚୁକ୍ତି ଅନୁସାରେ ମିଳିଛି ।

ଅନ୍ୟାନ୍ୟ ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ମୁଙ୍ଗେରରୁ ରାଜୀବ ରଞ୍ଜନ ସିଂହ ଓରଫ୍ ଲଲନ୍ ସିଂହ, ମାଧେପୁରାରୁ ଦୀନେଶ ଚନ୍ଦ୍ର ଯାଦବ, ନାଳନ୍ଦାରୁ କୌଶଳେନ୍ଦ୍ର କୁମାର ଏବଂ ପୁର୍ଣ୍ଣିଆରୁ ସନ୍ତୋଷ କୁଶୱାହାଙ୍କୁ ଦଳ ଟିକେଟ୍ ଦେଇଛି । ଭାଗଲପୁର ସଂସଦୀୟ ନିର୍ବାଚନ ମଣ୍ଡଳିର କାର୍ଯ୍ୟକାରୀ ସାଂସଦଅଜୟ କୁମାର ମଣ୍ଡଳ, ବାଙ୍କାରୁ ଗିରିଧାରି ଯାଦବ ଏବଂ କଟିହାର ଆସନରୁ ଦୁଲାଲ୍ ଚନ୍ଦ୍ର ଗୋସ୍ୱାମୀ ପୁଣି ଥରେ ଦଳୀୟ ଟିକେଟ୍ ପାଇଛନ୍ତି । ଆଜି ପାଟନାରେ ଦଳର ବରିଷ୍ଠ ନେତା ତଥା ରାଜ୍ୟ ଦଳୀୟ ମୁଖ୍ୟ ଉମେଶ କୁଶୱାହା, ସଞ୍ଜୟ ଝା ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ଏହି ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଥିଲା ।

## ଅନୁରାଗ-ପଞ୍ଜାବ ସି.ଏମ୍. ଇଣ୍ଡି ଆଲିଆନ୍ସ

ବରିଷ୍ଠ ବି.ଜେ.ପି. ନେତା ଏବଂ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ପଞ୍ଜାବରେ ବିଷାକ୍ତ ମଦ୍ୟପାନଜନିତ ୨୧ ଜଣଙ୍କର ମୃତ୍ୟୁ ଘଟଣାରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ୍ ମାନ୍‌ଙ୍କର ତୀବ୍ର ସମାଲୋଚନା କରିଛନ୍ତି । ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତାବେଳେ ଶ୍ରୀ ଠାକୁର କହିଛନ୍ତି, ପଞ୍ଜାବରେ

ଅନେକ ଲୋକ ସେମାନଙ୍କର ପ୍ରାଣ ହରାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଅଛନ୍ତି ଏବଂ ଏହି ଘଟଣା ବିଷୟରେ କୌଣସି ବିବୃତ୍ତି ନ ଦେବା ଓ ତଦନ୍ତ ନିର୍ଦ୍ଦେଶ ନ ଦେବା ଦୁର୍ଭାଗ୍ୟଜନକ ଘଟଣା । ସେ କହିଛନ୍ତି, ଅବକାରୀ ଦୁର୍ନୀତି ଘଟଣାରେ ଜେଲ୍‌ରେ ଥିବା ମନୀଶ ଶିଶୋଦିଆ, ସଞ୍ଜୟ ସିଂହ ଏବଂ ବର୍ତ୍ତମାନ ଅରବିନ୍ଦ କେଜରିୱାଲ୍‌ଙ୍କପାଇଁ ଭଗବତ୍ ମାନ୍ ଦିଲ୍ଲୀରେ ପହଞ୍ଚିଛନ୍ତି । କିନ୍ତୁ ଯେତେବେଳେ ବିଷାକ୍ତ ମଦ୍ୟପାନ କରି ତାଙ୍କ ନିର୍ବାଚନ ମଣ୍ଡଳିରେ ୨୧ ଜଣଙ୍କର ମୃତ୍ୟୁ ହେଲା, ସେତେବେଳେ ତାଙ୍କ ସରକାର ମଦ ବ୍ୟବସାୟୀଙ୍କୁ ସୁରକ୍ଷା ପ୍ରଦାନ କରୁଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଇଣ୍ଡି ମେଣ୍ଟର ତାମିଲ୍‌ନାଡୁ ମନ୍ତ୍ରୀ ଅନିତା ରାଧାକ୍ରିଷ୍ଣନ୍‌ଙ୍କୁ ଶ୍ରୀ ଠାକୁର ସମାଲୋଚନା କରିଥିଲେ । ଶ୍ରୀ ଠାକୁର କହିଛନ୍ତି, ଇଣ୍ଡି ମେଣ୍ଟର ସଦସ୍ୟମାନେ ସେମାନଙ୍କର ମାନସିକ ସନ୍ତୁଳନ ହରାଇଛନ୍ତି । ସେ କହିଛନ୍ତି, ଏପରି ଏକ ଘଟଣା ଅକ୍ଷମଣୀୟ । ଇଣ୍ଡି ମେଣ୍ଟ ଏହି ଘଟଣା ପାଇଁ କ୍ଷମା ପ୍ରାର୍ଥନା କରୁ ବୋଲି ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି ।

## ଜୟଶଙ୍କର - ଆର୍ଟିକିଲ୍ ୩୭୦

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଧାରା ୩୭୦ ହେଉଛି ଭାରତୀୟ ସମ୍ବିଧାନର ଏକ ସାମୟିକ ପଦକ୍ଷେପ ଏବଂ

ଏହାକୁ ସମ୍ପ୍ରସାରଣ କରିବା ଦେଶ ପାଇଁ କ୍ଷତି ପହଞ୍ଚାଇଛି। ସିଙ୍ଗାପୁରରେ ଭାରତୀୟ ସମ୍ପ୍ରଦାୟଙ୍କ ସହ ଭାବବିନିମୟ ଅବସରରେ ଡକ୍ଟର ଜୟଶଙ୍କର କହିଛନ୍ତି, ଧାରା ୩୭୦କୁ ସମ୍ପ୍ରସାର କରିବା ଦ୍ୱାରା ବିଚ୍ଛିନ୍ନତାବାଦ, ହିଂସା ଏବଂ ଆତଙ୍କବାଦ ସୃଷ୍ଟି ହୋଇଥିଲା। ସେ କହିଛନ୍ତି, ଏହା ବିକାଶମୁଖୀ ନିୟମକୁ ଜାମ୍ମୁ କାଶ୍ମୀର ଏବଂ ଲଦାଖ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାରେ ରୋକିଥାଏ। ଡକ୍ଟର ଜୟଶଙ୍କର କହିଛନ୍ତି, ଆଜି ପରିବର୍ତ୍ତନର ସୁଫଳ ବର୍ତ୍ତମାନ ସମସ୍ତେ ଅନୁଭବ କରିପାରୁଛନ୍ତି ।

## ମିଜୋରାମ - ପାମ୍ ସଣ୍ଡେ

ମିଜୋରାମ୍‌ରେ ପାମ୍ ସଣ୍ଡେ ବା 'ଟୁମ୍‌କାଉ ନି' ଧାର୍ମିକ ଭାବନା ଏବଂ ଆନନ୍ଦ ଉତ୍ସାହର ସହ ପାଳନ କରାଯାଉଛି । ଏହି ଅବସରରେ ଗୀର୍ଜାଘରଗୁଡ଼ିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପାମ୍ ସଣ୍ଡେ ଶୋଭାଯାତ୍ରା ଆୟୋଜିତ ହୋଇଛି । ଯିଶୁଖ୍ରୀଷ୍ଟଙ୍କ ଯେରୁଜେଲମ୍‌କୁ ଇସ୍ରାଏଲ୍‌ର ରାଜା ଭାବେ ପ୍ରବେଶର ବିଜୟ ପର୍ବକୁ ସ୍ମରଣୀୟ କରିବାପାଇଁ ପାମ୍ ସଣ୍ଡେ ପାଳନ କରାଯାଇଥାଏ । ବାଇବେଲ୍ ଅନୁସାରେ ଯିଶୁଖ୍ରୀଷ୍ଟ ଏକ ଗଧ ଉପରେ ବସି ସହରକୁ ପ୍ରବେଶ କରିଥିଲେ । ସେଠାରେ ସମବେତ ଜନତା ପ୍ରଭୁ ଯିଶୁଙ୍କ ଆଗମନରେ

ଉତ୍ସାହିତ ହୋଇ ତାଳ ବରଡ଼ା ଓ ମଫଲର୍ ହଲାଇ ସ୍ୱାଗତ କରିଥିଲେ । ଏହି ପବିତ୍ର ସପ୍ତାହ ପାମ୍ ସଣ୍ଡେରୁ ଆରମ୍ଭ ହୋଇ ଇଷ୍ଟର ସଣ୍ଡେରେ ଶେଷ ହୋଇଥାଏ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ ସ୍ପିକ୍' ଆସନ୍ତାକାଲି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଲୋଚନାର ବିଷୟବସ୍ତୁ ରହିଛି 'ଦେଶରେ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌କୁ ମଜବୁତ କରିବାପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ' । ଏହି କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ମହାସଚିବ ରାଜୁ ଗୋୟଲ୍ ଅଂଶଗ୍ରହଣ କରି ଶ୍ରୋତାମାନଙ୍କ ପ୍ରଶ୍ନର ଉତ୍ତର ରଖିବେ । ଏହି ଅବସରରେ ଶ୍ରୋତାମାନେ, ଦେଶରେ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌କୁ ବିକଶିତ ଏବଂ ମଜବୁତ କରିବା କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସମ୍ପର୍କରେ ଅଧିକ ଜାଣିପାରିବେ । ଏଥିପାଇଁ ଶ୍ରୋତାମାନେ ୦୧୧-୨୩୭୧-୭୧୦୬ ଏବଂ ୦୧୧-୨୩୩୧-୪୪୪ ନମ୍ବରକୁ କଲ୍ କରି ପ୍ରଶ୍ନ ପଚାରି ପାରିବେ । ଏହାବ୍ୟତୀତ ସେମାନେ ୯୨୮୯୦-୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ କରି ନିଜର ପ୍ରଶ୍ନ ପଚାରିପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍ଡ

ଚ୍ୟାନେଲ ଓ ଅତିରିକ୍ତ ଫ୍ରିକ୍ୱେନ୍ସିଗୁଡ଼ିକ ଯୋଗେ ଶୁଣାଯାଇପାରିବ । ଏତଦ୍‌ବ୍ୟତୀତ ଶ୍ରୋତାମାନେ ଆମର ୱେବ୍‌ସାଇଟ୍ newsonair.gov.in ଏବଂ ୟୁ-ଟ୍ୟୁବ୍ ଚ୍ୟାନେଲ ନ୍ୟୁଜ୍ ଅନ୍ ଏୟାର ଅଫିସିଆଲ୍ ମାଧ୍ୟମରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଶୁଣିପାରିବେ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଜୟପୁରର ସବାଇ ମାନସିଂହ ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଆଜିର ମ୍ୟାଚ୍‌ରେ ୧୯୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୧୮ ଓଭର ସୁଦ୍ଧା ୬ ୱିକେଟ୍ ହରାଇ ୧୫୬ ରନ୍ ସଂଗ୍ରହ କରିଛି । ପୂର୍ବରୁ ଟସ୍ ଜିତି ରାଜସ୍ଥାନ ରୟାଲ୍‌ସ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଦଳ ୪ ୱିକେଟ୍ ବିନିମୟରେ ୧୯୩ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସଞ୍ଜୁ ସାମ୍‌ସନ୍ ୫୨ଟି ବଲ୍ ଖେଳି ସର୍ବାଧିକ ୮୨ ରନ୍ ସଂଗ୍ରହ କରିଥିଲେ ।

ଆଜିର ଅନ୍ୟ ଏକ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଆଉ କିଛି ସମୟ ପରେ ଗୁଜରାଟ୍ ଟାଇଟନ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍‌ସ ମଧ୍ୟରେ ମୁକାବିଲା ହେବ ।

# ରୁଷିଆ ମର୍ଣ୍ଣିଂ

ମସ୍କୋର ଏକ କନ୍‌ସର୍ଟ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୧୩୩ ଜଣ ଲୋକଙ୍କ ମୃତ୍ୟୁରେ ରୁଷ୍ ପକ୍ଷରୁ ଦିନିକିଆ ଶୋକଦିବସ ପାଳନ କରାଯାଉଛି । ପତାକାଗୁଡ଼ିକୁ ଅର୍ଦ୍ଧନମିତ ରହିଛି । ଅନେକ କାର୍ଯ୍ୟକ୍ରମ ବାତିଲ୍ ହୋଇଛି ଏବଂ ଟି.ଭି. ଚ୍ୟାନେଲ୍‌ଗୁଡ଼ିକ ସେମାନଙ୍କର ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରିଛନ୍ତି । ଗତ ଶୁକ୍ରବାର ଦିନ କୋରସ୍ ସିଟି ହଲ୍‌ରେ ବନ୍ଧୁକଧାରୀମାନେ ପ୍ରବେଶ କରି ଆଖିବୁଜା ଗୁଳିଚାଳନା କରିବା ସହ ସେହି ହଲ୍‌ରେ ନିଆଁ ଲଗାଇ ଦେଇଥିଲେ । ଫଳରେ ୧୩୩ ଜଣଙ୍କର ମୃତ୍ୟୁ ହେବା ସହ ୧୪୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ । ଏହି ଆକ୍ରମଣ ପାଇଁ ଇସ୍‌ଲାମିକ ଷ୍ଟେଟ୍ ଗ୍ରୁପ୍ ନିଜକୁ ଦାୟୀ କରିଛି ।

*****